

# ଜୈବିକ ପ୍ରଣାଳୀରେ କାଙ୍ଗୁ ଚାଷ

## ଉପକ୍ରମ (Introduction)

କାଙ୍ଗୁ ମିଲେଟ ହେଉଛି ଏକ ଗ୍ଲୁଟେନ ମୁକ୍ତ ଶସ୍ୟ ଏବଂ ସର୍ବ ପୁରାତନ ଚାଷ ହୋଇଥିବା ମିଲେଟ । ସାଧାରଣତଃ ଅର୍ଦ୍ଧ-ଶୁଷ୍କ ଅଞ୍ଚଳରେ ଏହି ଶସ୍ୟ  ବଢିଥାଏ ଓ ଏହା ସ୍ୱଳ୍ପ ଜଳ ଆବଶ୍ୟକତା କରିଥାଏ । ଏହା ୭୫-୮୦ ଦିନରେ ପରିପକ୍ୱ ହୁଏ । ବିଡମ୍ବନାର ବିଷୟ, ଅନ୍ୟାନ୍ୟ ଫସଲ ଲଗାଇବାରେ ବିଳମ୍ବ ହେଲେ କାଙ୍ଗୁ ମିଲେଟ ଲଗାଯାଇପାରିବ । ଏହାର ଖେଡଟି କୋକିଶିଆଳି ଲାଞ୍ଜ ପରି ଦେଖାଯାଏ ଏବଂ ଖେଡର ରଙ୍ଗ  ହଳଦିଆ, ସବୁଜ, କଳା କିମ୍ବା ବଡ କାଙ୍ଗୁ ପରି ଦେଖାଯାଏ । ଶସ୍ୟ ଗଠନରେ ଏହା ଧାନ ଚାଉଳ ସହିତ ସମାନ । ଚାଉଳ ତୁଳନାରେ ଏଥିରେ ଦୁଇଗୁଣ ପୁଷ୍ଟିସାର (protein) ଥାଏ । ରକ୍ତରେ ଶର୍କରା ଏବଂ କୋଲେଷ୍ଟ୍ରୋଲ୍ ନିୟନ୍ତ୍ରଣ କରିବା ବ୍ୟତୀତ ଏହା ରୋଗ ପ୍ରତିରୋଧକ କ୍ଷମତା ବଢାଇଥାଏ ଏବଂ ମଧୁମେହ ଓ ଅମ୍ଳ  ସମସ୍ୟାରେ ପୀଡିତ ଲୋକଙ୍କ ପାଇଁ ଏହାର ଚାଉଳ ଖାଇବା ପାଇଁ ପରାମର୍ଶ ଦିଆଯାଏ । ଏହା ଏକ ମିଠା ପୁଷ୍ଟିକର ସ୍ୱାଦ ସହିତ ଅନେକ ପୁଷ୍ଟିକର ଖାଦ୍ୟ ଯୋଗାଇଥାଏ ଏବଂ ସହଜରେ ହଜମକାରୀ ଏବଂ ଅଣ-ଆଲର୍ଜି ଶସ୍ୟ ମଧ୍ୟରୁ ଗୋଟିଏ ଭାବରେ ବିବେଚନା କରାଯାଏ । ଏଥିରେ ତନ୍ତୁ ଜାତୀୟ, ପ୍ରୋଟିନ୍, କ୍ୟାଲସିୟମ୍ ଏବଂ ଭିଟାମିନ୍ ଥାଏ । ଏହା ଶିଶୁ ଏବଂ ଗର୍ଭବତୀ ମହିଳାମାନଙ୍କ ପାଇଁ ଏକ ପୁଷ୍ଟିକର ଖାଦ୍ୟ । ଏଥିରେ ତନ୍ତୁ ଜାତୀୟ ଖାଦ୍ୟ ପଦାର୍ଥ ଏବଂ ଖଣିଜ ପଦାର୍ଥ ଯଥା ତମ୍ବା ଏବଂ ଆଇରନ୍ ଭରପୂର ଅଟେ ଯାହା ଶରୀରକୁ ଶକ୍ତିଶାଳୀ ଏବଂ ରୋଗ ପ୍ରତିରୋଧକ ରଖେ ।

## ଜମି ଓ ଚାଷ ସମୟ (Land Type & Cultivation Time)

ନିଗିଡା,ଢିପ ଜମି, ପାହାଡିଆ ଜମି କାଙ୍ଗୁ ଚାଷ ପାଇଁ ଉପଯୁକ୍ତ । ଦୋରସା, ଲାଲ ମାଟି ବା ହାଲୁକା ମାଟି କାଙ୍ଗୁ ଚାଷ ପାଇଁ ଅଧିକ ଭଲ ।  ଏହା ଖୁବ କମ ପାଣି ଦରକାର କରେ । ବର୍ଷର ଖରିଫ ଓ ରବି  ସମୟରେ କାଙ୍ଗୁ ଚାଷ କରାଯାଇ ପାରେ । ଲଘୁ ଶସ୍ୟ ମଧ୍ୟରେ କାଙ୍ଗୁ ଏକ ପ୍ରଧାନ ଫସଲ ।





## କାଙ୍ଗୁ କିସମ (Foxtail Millet Varieties)

କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରାମାଣିକ କାଙ୍ଗୁ କିସମ :
ଏସଆଇଏ – ୩୦୮୮, ୩୦୮୫, ୩୧୫୬, ୨୮୭୬, ଟିଏନଏୟୁ – ୧୯୬, ନରସିଂହାୟ, କୃଷ୍ଣଦେବାୟ, ଶ୍ରୀଲକ୍ଷ୍ମୀ, କେ – ୨, ପିଏମ – ୪ ଇତ୍ୟାଦି । ଏହି ସବୁ କିସମ ଗୁଡିକ ୭୦ – ୭୫ ଦିନରେ ଅମଳ ହୁଏ ।

ଓଡିଶାରେ ଚାଷ କରାଯାଉଥିବା ଦେଶୀ କାଙ୍ଗୁ କିସମ: (Traditional varieties of Foxtail Millet in Odisha)
ଦେଶୀ କାଙ୍ଗୁ, କଳା କାଙ୍ଗୁ, ହଳଦିଆ କାଙ୍ଗୁ, ରଙ୍ଗ କାଙ୍ଗୁ, ବଡ କାଙ୍ଗୁ, ସାନ କାଙ୍ଗୁ ଇତ୍ୟାଦି ।

ଆଞ୍ଚଳିକ ନାମ : Vernacular Names
ହିନ୍ଦୀ – କଂଗନି, କାକୁମ, କନ୍ନଡ – ନବନେ, ତାମିଲ – ଥିନାଇ, କେପାଇ, ତେଲୁଗୁ – କୋରା , ମାଲାୟାଲମ୍ - ଟାମା, ମରାଠୀ – କଙ୍ଗ, ରାଳ, ଗୁଜୁରାଟୀ – କାଙ୍ଗ , ବଙ୍ଗାଳୀ – କାୟଂ , ପଞ୍ଜାବୀ – କଙ୍ଗାଣି, ଓଡିଆ – କାଙ୍ଗୁ

## ବିହନ ବୁଣିବା ପରିମାଣ ଓ ବିଶୋଧନ

ବିହନ ପରିମାଣ: (ଏକ ଏକର ପ୍ରତି)(Seed Rate /Acre)
ଧାଡି ରୋପା ପ୍ରଣାଳୀରେ ଚାଷ – ୩ ରୁ ୩ .୫ କି.ଗ୍ରା*
ଧାଡି ବୁଣା ପ୍ରଣାଳୀରେ ଚାଷ – ୪ ରୁ ୪ .୫ କି.ଗ୍ରା*
*(*ବିହନର ଭୌତିକ ଶୁଦ୍ଧତା – ୯୮% ଏବଂ ବିହନର ଗଜା କ୍ଷମତା – ୮୦% ରୁ ଅଧିକ ହେଉଥିବ)*

### ବିହନ ବିଶୋଧନ : (Seed Treatment)

- ୧ କି.ଗ୍ରା କାଙ୍ଗୁ ବିହନରେ ୨୦୦ ମି.ଲି ବିଜାମୃତକୁ ଗୋଳାଇ ବିହନ ବିଶୋଧନ କରନ୍ତୁ, କିମ୍ବା ୧ କି.ଗ୍ରା. ବିହନକୁ ଏକ କପଡାରେ ବାନ୍ଧି ବୀଜାମୃତ ଦ୍ରବଣରେ ୧୫ ମିନିଟ ବୁଡାଇ ଛାଇରେ ଶୁଖାଇ ବୁଣନ୍ତୁ ।
- ଆବଶ୍ୟକ ପରିମାଣର ବିହନକୁ ଏକ କପଡାରେ ଭଲ ଭାବରେ ବାନ୍ଧି (ଗୋମୁତ୍ର ୫୦୦ ମି.ଲି + ୨.୫ଲିଟର ପାଣି)ର ଏକ ମିଶ୍ରଣ କରି ତା ମଧ୍ୟରେ ୩୦ ମିନିଟ ପର୍ଯ୍ୟନ୍ତ ବୁଡାନ୍ତୁ, ଏବଂ ପରେ ବିହନକୁ କପଡାରୁ ଖୋଲି ଛାଇରେ ଶୁଖାଇ ବୁଣନ୍ତୁ ।
- ୫୦ ଗ୍ରାମ ଦୁଦୁରା ପତ୍ରକୁ ଛେଚି ଏହାର ରସକୁ ୨ ଲିଟର ପାଣିରେ ମିଶାଇ ୧ କିଗ୍ରା ବିହନ ବିଶୋଧନ କରନ୍ତୁ ।






## ଜମି ପ୍ରସ୍ତୁତି ଓ ଧାଡି ବୁଣା: (Land Preparation & Line Sowing)




- ମାର୍ଚ୍ଚ ଓ ଏପ୍ରିଲ ମାସରେ ଜମିକୁ ବଡ ଫାଳ ଲଙ୍ଗଳ ସାହାଯ୍ୟରେ ଖରାଟିଆ ଚାଷ କରନ୍ତୁ, ଯେପରିକି ମାଟିରେ ଥିବା କବକ ଓ ପୋକର ଅଣ୍ଡା ସୂର୍ଯ୍ୟାଲୋକରେ ନଷ୍ଟ ହୋଇଯିବ ।
- ଜମି ଯଦି ଗଡାଣିଆ ଥିବା, ତେବେ ଏହାର ବିପରୀତ ଦିଗ ଆଡୁ ହଳ କରନ୍ତୁ ।
- ଦାନ୍ତୀପଟା ବ୍ୟବହାର କରି ହଳ ପରେ ଘାସ ଗୁଡିକୁ ଟାଣି ନିଅନ୍ତୁ ।
- ବର୍ଷା ପଡିବା ପରେ ଜମିକୁ ଦୁଇ ରୁ ତିନି ଥର ହଳ କରନ୍ତୁ ।
- ଶେଷ ଥର ହଳ କରିବା ପୂର୍ବରୁ ଏକର ପିଛା ୨୦ କୁଇଣ୍ଟାଲ ସଢା ଗୋବର ଖତ କିମ୍ବା ୪ କୁଇଣ୍ଟାଲ ଘନଜୀବାମୃତ କିମ୍ବା ୬ କୁଇଣ୍ଟାଲ ଜିଆ ଖତ କୁ ମୂଳ ସାର ରୂପେ ପ୍ରୟୋଗ କରି ହଳ କରି ମାଟିରେ ମିଶାନ୍ତୁ ଯଦି ଆପଣଙ୍କ ଜମିରେ ଉଈ ଲାଗୁଥିବେ ତେବେ ଏକର ପିଛା ୧୦୦ କି.ଗ୍ରା. ନିମ ବା କରଞ୍ଜ ପିଡ଼ିଆକୁ ଭଲ ଭାବରେ ଗୁଣ୍ଡ କରି ମାଟିରେ ମିଶାଇ ହଳ କରନ୍ତୁ ।
- ଜମି ହଳ ହେଲା ପରେ, ମାପକ ଯନ୍ତ୍ର ସାହାଯ୍ୟରେ ୩୦ ସେ.ମି ବ୍ୟବଧାନରେ ଧାଡି ଟାଣନ୍ତୁ ।
- ୪ ରୁ ୪.୫ କି.ଗ୍ରା. ବିଶୋଧିତ କାଙ୍ଗୁ ବିହନକୁ (୧:୧୨ ମୁଠା) ଅନୁପାତରେ ଶୁଖିଲା ସରୁ ବାଲି ମିଶାଇ ଧାଡିରେ ବୁଣି ଦିଅନ୍ତୁ । ବୁଣିଲା ପରେ ଧାଡିକୁ ପାଦ ସାହାଯ୍ୟରେ ଘୋଡାଇ ଦିଅନ୍ତୁ ।

## ଗଛସଂଖ୍ୟା ପାଇଁ ଗଛକୁ ପତଳା କରିବା ଏବଂ ଖାଲି ସ୍ଥାନ ପୂରଣ କରିବା (Thinning & Gap Filling)

- ବୁଣିବାର ୩୦ ଓ ୩୫ ଦିନ ପରେ , ଏକ ୧୦ ମିଟର ପ୍ଲାଷ୍ଟିକ ଦଉଡି ନିଅନ୍ତୁ ଏବଂ ସେଥିରେ ପ୍ରତି ୧୦ ସେ.ମି. ଅନ୍ତରରେ ଚିହ୍ନ ଦିଅନ୍ତୁ ବା ଖଣ୍ଡ ଜରି ବାନ୍ଧନ୍ତୁ ଏହାପରେ ଏହି ଦଉଡିକୁ ଧାଡ଼ିରେ ବୁଣା ହୋଇଥିବା ବିହନ ଉପରେ ସିଧା ରଖନ୍ତୁ ।
- ୧୦ ସେ.ମି. ଚିହ୍ନିତ ସ୍ଥାନରେ ଅଧିକ ଗଛ ଉଠିଥିଲେ ୨ ରୁ ୩ ଟି ଗଛ ରଖି ଅନ୍ୟ ଗଛ ଉପାଡି ଦିଅନ୍ତୁ ଏବଂ ଯେଉଁ ଚିହ୍ନିତ ସ୍ଥାନରେ ଗଛ ନାହିଁ ଉପଡି ଥିବା ଗଛକୁ ଲଗାନ୍ତୁ ।
- ମନେରଖନ୍ତୁ ଏହି କାର୍ଯ୍ୟ ମାଟିରେ ବତର ଥିବା ସମୟରେ କରିବା ଉଚିତ ମାଟି ଶୁଖିଲା ଥିଲେ କରନ୍ତୁ ନାହିଁ ।
- ଏହାଦ୍ୱାରା ଗଛ ସଂଖ୍ୟା ବଜାୟ ରହିବ ଏବଂ ସମସ୍ତ ଗଛ ସୂଚାରୁ ରୂପରେ ସଠିକ ଖାଦ୍ୟ ପାଇ ପାରିବେ ।



ପୂର୍ବରୁ



ପରେ

## ଖାଦ୍ୟ ସାର ପରିଚାଳନା (Nutrient Management)

- ବୁଣିବାର ୩୫ ରୁ ୪୦ ଦିନ ସମୟରେ ଏକର ପିଛା ୨୦୦ ଲିଟର ଜୀବାମୃତକୁ ପ୍ରୟୋଗ କରନ୍ତୁ। ପ୍ରଥମ ଘାସ ବଛା ପରେ ୧୫୦ ଲିଟର ଜୀବାମୃତକୁ ପାଣି ମଡାଇବା ବେଳେ କିମ୍ବା ମାଟିରେ ବତର ଥିବା ସମୟରେ ସିଧା ସଳଖ ମାଟିରେ ପ୍ରୟୋଗ କରନ୍ତୁ ଏବଂ ବାକି ୫୦ ଲିଟର ଜୀବାମୃତକୁ (୧:୧୦) ଲିଟର ଅନୁପାତରେ ପାଣି ସହ ମିଶାଇ ଦୁଇ ଥର ପତ୍ର ସିଞ୍ଚନ କରନ୍ତୁ ।
- ଗୋଡି ମାଟି ବା ପଥୁରିଆ ମାଟିରେ ବୁଣିବାର ୨୫-୩୦ ଦିନ ପରେ ୫% ଜୀବାମୃତ ପତ୍ର ସିଞ୍ଚନ କରନ୍ତୁ ଏହାପରେ ପ୍ରତି ୧୫ ଦିନ ଅନ୍ତରାଳରେ ୧୦%, ୧୫%,୨୦% ଜୀବାମୃତ ପତ୍ର ସିଞ୍ଚନ କରନ୍ତୁ ।
- ବୁଣିବାର ୫୦ ରୁ ୬୦  ଦିନ ପରେ ହାଣ୍ଡିଖତକୁ  (୧:୪୦) ଲିଟର ଅନୁପାତରେ ପାଣି ସହ ମିଶାଇ ଗୋଟିଏ ଥର ପତ୍ର ସିଞ୍ଚନ କରନ୍ତୁ ।
- ବୁଣିବାର ୬୦ ରୁ ୭୦ ଦିନ ମଧ୍ୟରେ ପଞ୍ଚଗବ୍ୟକୁ (୧:୨୦) ଲିଟର ଅନୁପାତରେ ପାଣି ସହ ମିଶାଇ ଗୋଟିଏ ଥର ପତ୍ର ସିଞ୍ଚନ କରନ୍ତୁ ।
- ପିଲ ହେବା ସମୟରେ ଏକରକୁ ୧୦୦ କେ.ଜି. ଜିଆଖତ କିମ୍ବା ୧୦୦ କେ.ଜି. ଘନ ଜୀବାମୃତ କୁ ଗୁଣ୍ଡ କରି ମାଟିରେ ବତର ବା ଆଦ୍ରତା ଥିବା ସମୟରେ ପ୍ରୟୋଗ କରନ୍ତୁ ।






* ମନେରଖନ୍ତୁ ପତ୍ରସିଂଚନର ସମୟ ସନ୍ଧ୍ୟା ୫ ଟା ପରେ କରିବେ କାରଣ ତାପମାତ୍ର ୨୦oC ତଳେ ରହିଲେ ପତ୍ର ସିଂଚନର ଉପକାରିତା ଅଧିକ ହୋଇଥାଏ *

## ଘାସ ବଛାବଛି (weeding)



- କାଙ୍ଗୁ ବିହନ ବୁଣିବାର ୧୦ ରୁ ୧୫ ଦିନ ଅନ୍ତରାଳରେ ସାଇକଲ ଉଇଡ଼ର ସାହାଯ୍ୟରେ ଘାସ ବାଛନ୍ତୁ ଏହା ଦ୍ୱାରା ମାଟି ହାଲୁକା ହେବ, ମାଟି ମଧ୍ୟରେ ପବନ ଯିବା ଆସିବା କରି ପାରିବ, ପିଲ ସଂଖ୍ୟା ଅଧିକ ହେବ, ଚେର ସୂଚାରୁ ରୂପେ ମାଟିରୁ ଖାଦ୍ୟସାର ଗ୍ରହଣ କରି ପତ୍ରକୁ ଖାଦ୍ୟ ପ୍ରସ୍ତୁତିରେ ସାହାଯ୍ୟ କରିବ ।
- ମାଟିରେ ବତର ଥିବା ସମୟରେ ସାଇକଲ ଉଇଡ଼ର ଚଲାଇବେ । ଚଲାଇବା ସମୟରେ ସାଇକଲ ଉଇଡରକୁ ଆଗ ଓ ପଛ କରି ଚଲାଇବେ, ନଚେତ ଆଗକୁ ଆଗକୁ ଚଲାଇଲେ ଅଧିକ ସମୟ, ପରିଶ୍ରମ ଓ ମାଟି ଖାଲୁଆ ହୋଇଯିବ ।
- ଚଲାଇବା ସମୟରେ ଗଛର ଚେର ଓ ପିଲ ଯେପରି ଅକ୍ଷତ ରହିବ ସେଥି ପ୍ରତି ଧ୍ୟାନ ଦେବେ ।
- ଗଛ ବଡ ହୋଇଗଲେ ଆଉ ସାଇକଲ ଉଇଡ଼ର ନ ଚଲାଇ ହାତରେ ଘାସ ବାଛିବେ ।

## ଜଳ ସେଚନ (Irrigation)

ଏହି କାଙ୍ଗୁ ଚାଷ ସାଧାରଣତଃ ବର୍ଷାପ୍ଲାବିତ ଅଞ୍ଚଳରେ ଚାଷ କରାଯାଇଥାଏ, ତେଣୁ ଚାଷୀ ମାନେ ବର୍ଷା ଜଳକୁ ଠିକ ଭାବରେ ବ୍ୟବହାର କରିବା ଆବଶ୍ୟକ ।

- ପିଲ ହେବା ସମୟରେ ମାଟିରେ ଫାଟ ଆସିଲେ ପାଣି ମଡାନ୍ତୁ ଏବଂ ଦୁଇ ଦିନ ପରେ ପୁଣି ପାଣି ନିଷ୍କାସନ କରିଦିଅନ୍ତୁ, ବାରମ୍ବାର ଏପରି କରିବା ଦ୍ୱାରା ଗଛରେ ପିଲ ସଂଖ୍ୟା ବୃଦ୍ଧି ପାଏ ।
- ଗଛ ଫୁଲ ଧରିଲା ବେଳେ, ଦାନା ବାନ୍ଧିଲା ସମୟରେ ନିଶ୍ଚୟ ପାଣି ମଡାନ୍ତୁ , ନଚେତ ଦାନା ଗୁଡିକ ଅଗାଡି ହୋଇଯିବାର ସମ୍ଭାବନା ଥାଏ ।



## ଫସଲ ପ୍ରଣାଳୀ

**ଅନ୍ତଃ ଫସଲ :**

କାଙ୍ଗୁ + କାନ୍ଦୁଲ (୨:୧) : (୪୫ x ୧୫ + ୬୦ x ୧୫) ସେ.ମି.

କାଙ୍ଗୁ + ଝୁଡ୍ଡୁଙ୍ଗ (୨:୨) : (୪୫ x ୧୫ + ୩୦ x ୧୦) ସେ.ମି.





# ରୋଗ ଓ ପୋକ ପରିଚାଳନା
(Disease & pest management)

## ମହିଷା ରୋଗ (Blast)



- କାଙ୍ଗୁ ଜମିରୁ ଭଲ ଭାବରେ ଘାସ ବାଛି ଦିଅନ୍ତୁ ।
- କାଙ୍ଗୁ କାଟିଲା ପରେ ଜମିରୁ ବୁଦା ପୋଡି କିମ୍ବା ହଳ କରି ସଫା କରି ଦିଅନ୍ତୁ ।
- ୨୫୦ ଗ୍ରାମ ବେଲ କିମ୍ବା ତୁଳସୀ ପତ୍ରର ଛେଚାକୁ ୧୦ ଲିଟର ପାଣିରେ ଗୋଳାଇ ଏକ ଘଣ୍ଟା ରଖନ୍ତୁ, ଏବଂ ସେହି ପାଣିକୁ ଛାଣି ସପ୍ତାହରେ ଦୁଇ ଥର ସନ୍ଧ୍ୟା ସମୟରେ ପତ୍ର ସିଞ୍ଚନ କରନ୍ତୁ ।
- ୫ କି.ଗ୍ରା. ନାଗୁଆରି ପତ୍ରକୁ ୫ ଲିଟର ଗୋମୂତ୍ରରେ ତିନି ଦିନ ଭିଜାଇ ରଖନ୍ତୁ ସେହି ଦ୍ରବଣରେ ୯୦ ଲିଟର ପାଣି ମିଶାଇ ସନ୍ଧ୍ୟା ସମୟରେ ପତ୍ର ସିଂଚନ କରନ୍ତୁ ।
- ୫ ଲିଟର ଦହିଚଲ୍ଲାରେ ୪୦ କି.ଗ୍ରା. ବିହନକୁ ବିଶୋଧନ କରନ୍ତୁ କିମ୍ବା ୫ ଲିଟର ଦହିଚଲ୍ଲାରେ ୫୦ ଲିଟର ପାଣି ମିଶାଇ ସନ୍ଧ୍ୟା ସମୟରେ ପତ୍ର ସିଂଚନ କରନ୍ତୁ ।
- ବୀଜାମୃତରେ ବିହନ ବିଶୋଧନ କରନ୍ତୁ ।

## ପତ୍ର ପୋଡା ରୋଗ (Bacterial Leaf Blight)

- ଜମିରୁ ଜଳ ନିଷ୍କାସନ କରନ୍ତୁ ଓ ମାଟି ଫାଟିଲା ପରେ ପୁଣି ପାଣି ମଡାନ୍ତୁ । ରୋଗିଣା କିଆରୀରେ ପାଣି ମଡାନ୍ତୁ ନାହିଁ
- କିଆରୀ ବା ହୁଡାରେ ଥିବା ଅନାବନା ଘାସ ଉପାଡି ନଷ୍ଟ କରିଦିଅନ୍ତୁ ।
- ୨୦ କି.ଗ୍ରା. ସଜ ଗୋବରକୁ ୨୦୦ ଲିଟର ପାଣିରେ ଗୋଳାଇ ତାକୁ ଏକ ପତଳା କନାରେ ଛାଣନ୍ତୁ ଏବଂ ଏହି ମିଶ୍ରଣରେ ପୁଣି ୫୦ ଲିଟର ପାଣି ମିଶାଇ ୧୦ ଦିନକୁ ଥରେ ସନ୍ଧ୍ୟା ସମୟରେ ପତ୍ର ସିଂଚନ କରନ୍ତୁ ।
- କାଙ୍ଗୁ କଟା ହେବା ପରେ ଜମିରେ ଥିବା କାଙ୍ଗୁ ମୂଳକୁ ପୋଡି ଦିଅନ୍ତୁ ।
- କାଙ୍ଗୁ ବିହନକୁ ବୀଜାମୃତ ଦ୍ୱାରା ବିଶୋଧନ କରନ୍ତୁ ।





## ଜଉପୋକ (Aphids)

- ୧୦୦ ଗ୍ରାମ ରସୁଣକୁ ଭଲ ଭାବରେ ଛେଚି ୫୦ ଲିଟର ପାଣିରେ ଗୋଳାଇ ଛାଣନ୍ତୁ ଏବଂ ସପ୍ତାହକୁ ଥରେ ପତ୍ର ସିଞ୍ଚନ କରନ୍ତୁ ।
- ଛାଇରେ ଶୁଖିଥିବା ବାସଙ୍ଗ ପତ୍ର ଗୁଣ୍ଡକୁ (୨କେଜି) ୧ କେଜି ପାଉଁଶରେ ଗୋଳାଇ ଆକ୍ରାନ୍ତ ସ୍ଥାନକୁ ଫୋପାଡନ୍ତୁ ।
- କଞ୍ଚା ଅରଖ ପତ୍ର ଓ କଅଁଳ ଡାଳକୁ ଜମିରେ ପକାନ୍ତୁ , ଯାଦ୍ୱାରା ଜଉ ପୋକ କାଙ୍ଗୁରେ ନ ଲାଗି ଅରଖ ପତ୍ରରେ ବସି ରସ ଖାଇବେ ।
- ୨୦୦ ମି.ଲି. ଲେମ୍ବୁ ରସରେ ୧୫ ଲିଟର ପାଣି ମିଶାଇ ସପ୍ତାହକୁ ଥରେ ସନ୍ଧ୍ୟା ସମୟରେ ପତ୍ର ସିଂଚନ କରନ୍ତୁ ।
- ୩ ମି.ଲି ନିମ୍ବ ତେଲକୁ ୧ ଲିଟର ପାଣିରେ ମିଶାଇ ପ୍ରତି ୧୫ ଦିନ ଅନ୍ତରାଳରେ ପ୍ରୟୋଗ କରନ୍ତୁ ।
- ପ୍ରତି ୧୦ ଦିନ ଅନ୍ତରରେ ୧ ଲିଟର  ନିମାସ୍ତ୍ର ରେ ୧୫ ଲିଟର ପାଣି ମିଶାଇ ପତ୍ର ସିଂଚନ କରନ୍ତୁ ।





## ଉଈ ପୋକ (Termite)

- ଜମିରେ ଶେଷ ଓଡ ଚାଷ କଲା ସମୟରେ ଏକରକୁ ୧୫୦କି.ଗ୍ରା. ନିମ୍ବପିଡିଆକୁ ଗୋବର ଖତରେ  ଭଲକରି ମିଶାଇ ପ୍ରୟୋଗ କରନ୍ତୁ ।
- ଏକ ମାଠିଆରେ ୧କି.ଗ୍ରା. ନିମ୍ବପତ୍ରକୁ ଟିକ ଟିକ କରି କାଟି ପକାନ୍ତୁ, ସେଥିରେ ୫ ଲିଟର ଗୋମୁତ୍ର ଓ ୨୫୦ ମି.ଲି. ଚଲ୍ଲା ଦହି ମିଶାଇ ଦିଅନ୍ତୁ । ମାଠିଆ ମୁହଁକୁ ଭଲ ଭାବରେ ବାନ୍ଧି ଦୁଇ ଦିନ ରଖନ୍ତୁ । ତୃତୀୟ ଦିନ ଏହି ମିଶ୍ରଣକୁ ଛାଣି ସେଥିରେ ୨୦ ଲିଟର ପାଣି ଓ ଟିକେ ସର୍ଫଗୁଣ୍ଡ ମିଶାଇ ଉଈ ଆକ୍ରାନ୍ତ ସ୍ଥାନକୁ ସ୍ପ୍ରେ କରନ୍ତୁ ।
- ୫ କି.ଗ୍ରା. ଅରଖ ପତ୍ରକୁ କାଟି ୧୦ ଲିଟର ପାଣିରେ ୨୪ ଘଣ୍ଟା ବତରାନ୍ତୁ । ଏହାପରେ ଏହି ପାଣିକୁ ୩୦ ମିନିଟ ଫୁଟାଇ ଏବଂ ଥଣ୍ଡା କରି ଉଈ ଲାଗିଥିବା ସ୍ଥାନରେ ସ୍ପ୍ରେ କରନ୍ତୁ ।
- ବାସଙ୍ଗ ପତ୍ରକୁ ଛାଇରେ ଶୁଖାଇ ପରେ ଗୁଣ୍ଡ କରି ପାଉଁଶରେ ଗୋଳାଇ ଉଈ ଲାଗିଥିବା ସ୍ଥାନକୁ ପକାନ୍ତୁ ।





## ବିହନ ସଂଗ୍ରହ ଓ ସଞ୍ଚୟ (Seed Selection & Storage)

- ଜମିର ମଧ ଭାଗରୁ ପ୍ରଥମେ ହୃଷ୍ଟ ପୃଷ୍ଟ , ନିରୋଗା ଓ ବଡ ବଡ  ମା' ଖେଡ ବା ମୂଳ ଖେଡକୁ ବାଛି କାଟିବେ।
- ଏହି ମା' ଖେଡକୁ ପଲିଥିନ ଉପରେ ଦୁଇ ରୁ ତିନି ଦିନ ଟାଣ ଖରାରେ ଶୁଖାଇବେ ।
- ଖେଡ ଶୁଖିଲା ପରେ ଏହାକୁ ନିଜ ହାତ କିମ୍ବା ଗୋଡରେ ମଳି ପୁନର୍ବାର ପଲିଥିନ ଉପରେ ଆଉ ଦୁଇ ଦିନ ଟାଣ ଖରାରେ( ସକାଳ ୧୦ ଟାରୁ ୩ ଟା ପର୍ଯ୍ୟନ୍ତ) ଶୁଖାଇବେ ।
- ବିହନର ଜଳୀୟଅଂଶ କୁ ଜଳୀୟଅଂଶ ମାପକ ଯନ୍ତ୍ର ଦ୍ୱାରା ମାପି ୧୦ - ୧୨% ମଧ୍ୟରେ ରଖିବେ ।
- କାଙ୍ଗୁ ଶସ୍ୟକୁ ଭଲ ଭାବରେ ପାଛୁଡି, ଚାଲୁଣିରେ ଚଲାଇ ଗୋଟିଏ ପଲିଥିନ ଅଖା ମଧ୍ୟରେ ଆଉ ଗୋଟିଏ ପଲିଥିନ ଅଖା ପୁରାଇ ତା ମଧ୍ୟରେ ରଖିବେ ।
- ଏହି ବିହନରେ ଛାଇରେ ଶୁଖିଥିବା ବେଗୁନିଆ ବା ନିମ୍ବ ବା ହଳଦୀ ପତ୍ରର ଗୁଣ୍ଡ ମିଶାଇ ପଲିଥିନର ମୁହଁକୁ ଓଲଟା "U" ଆକାରର କରି ଭଲ ଭାବରେ ବାନ୍ଧିବେ ।
- ପଲିଥିନ ବସ୍ତାଟିକୁ କାନ୍ଥ ଠାରୁ ଛାଡି ଓ ତଳେ ଏକ କାଠ ପଟା ପକାଇ ଏକ ଅନ୍ଧାର ଘରେ ରଖିବେ ।

## ପୁଷ୍ଟିକର ମୂଲ୍ୟ (୧୦୦ ଗ୍ରାମ)

| ଆଦ୍ରତା (ଗ୍ରାମ) | ପୁଷ୍ଟିସାର (ଗ୍ରାମ) | ତୈଳ (ଗ୍ରାମ) | ତନ୍ତୁ (ଗ୍ରାମ) | ଶ୍ୱେତସାର (ଗ୍ରାମ) | ଖଣିଜ ପଦାର୍ଥ (ଗ୍ରାମ) | କ୍ୟାଲସିୟମ (ମିଲିଗ୍ରାମ) |
|---|---|---|---|---|---|---|
| ୧୧.୨ | ୧୨.୩ | ୪.୩ | ୮.୦ | ୬୦.୯ | ୩.୩ | ୩୧.୦ |



**Department of Agriculture and Farmers' Empowerment**
**Directorate of Agriculture & Food Production, Government of Odisha.**
odishamilletsmission@gmail.com
www.milletsodisha.com